# Akashvani, Sambalpur

## SAMBALPURI NEWS BULLETIN

### 13 May 2024- 6.47- 6.52 am.

**********************************************

ମୁଖ୍ୟ ନିର୍ବାଚନ୍ ଅଧିକାରୀ ପ୍ରେସ୍ ରିଲିଜ୍

ରାଏଜେ ପହେଲା ଖେପ୍ ନିର୍ବାଚନ୍‌ଥି ଆଏଜ୍ କଲାହାଣ୍ଡି, କୋରାପୁଟ୍, ନବରଙ୍ଗ୍‌ପୁର୍ ଆର୍ ବ୍ରହ୍ମପୁର୍ ସଂସଦୀୟ କ୍ଷେତ୍ର ଆର୍ ଇତାର୍ ଅଧୀନ୍‌ଥି ଥିବା ୨୮ ଟା ବିଧାନ୍‌ସଭା ଆସନ୍ ଲାଗି ଭୋଟ୍ ନିଆଯିବା । ମାଓ ପ୍ରବଣ ଇଲାକା ନ ସଖାଲର୍ ୭ ବଜେନୁ ମତଦାନ୍ ମୁଲ୍ ହେଇକରି ଉପର୍‌ବେଲା ୪ ବଜେ ସର୍‌ବା । ସେନ୍ତା ବାକି ଇଲାକାମାନ୍‌କେ ସଖାଲର୍ ୭ ବଜେନୁ ମୁଲ୍ ହେଇକରି ସଞ୍ଝର୍ ୬ ବଜେତକ୍ ଭୋଟ୍ ନିଆଯିବା ବଲି ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ କାର୍ଯ୍ୟାଲୟ ତର୍‌ଫୁ ସୂଚ୍‌ନା ମିଲିଛେ । ଇ ଖେପେ ୪ ଟା ଲୋକ୍‌ସଭା ଆସନ୍ ଲାଗି ୩୭ ଝନ୍ ପ୍ରାର୍ଥୀ ରହିଥିବାର୍ ବେଲେ ବିଧାନ୍‌ସଭା ଆସନ୍ ମାନ୍‌କର୍ ଲାଗି ୨ ଶହ ୪୩ ଝନ୍ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ । ୭ ହଜାର୍ ୩ ଶହ ୩ ମତଦାନ୍ କେନ୍ଦ୍ର ନ ୬୨ ଲାଖ୍ ୮୭ ହଜାର୍ ୨ ଶହ ୨୨ ଝନ୍ ଭୋଟର୍ ଭୋଟ୍ ଦେବେ । ଫି ବୁଥ୍ ନ

ମତଦାତାମାନ୍‌କର୍ ସୁଖଦ ମତଦାନ୍‌ର ଅନୁଭୂତିର୍ ଲାଗି ନିର୍ବାଚନ୍ କର୍ମଚାରୀମାନେ ତୟାର୍ ଅଛନ୍ ବଲି ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ । ମତଦାନ୍ କରାବାର୍ ଲାଗି ପୁଲିଂ ପାର୍ଟି ମାନେ ବୁଥ୍ ମାନ୍‌କୁ ଯାଇସାରିଛନ୍ ।

ନୂଆପଡ଼ା ଜିଲ୍ଲାର୍ ଅପହଂଚ୍ ଇଲାକା ନ ଥିବାର୍ ୬ ଟା ବୁଥ୍ ଲାଗି ପୁଲିଂ ପାର୍ଟି ମାନ୍‌କୁ ବିମାନ୍ ଜରିଏ ଯିବାର୍ ସୁବିଧା କରାଯାଇଥିଲା ।

କେତେଟା ଇଲାକା ନ ଥିବାର୍ ଭୋଟ୍ କେନ୍ଦ୍ରକେ ବୋଟ୍‌ଥି ନଦୀ ପାର୍ ହେଇକରି ପୁଲିଂ ପାର୍ଟିମାନେ ଯାଇଛନ୍ । ଇସବୁ ଐତିହାସିକ ମୁହୂର୍ତ ନିର୍ବାଚନ୍‌କେ ଦେଶର୍ ପ୍ରକୃତ ମହାନ୍ ଗଣପର୍ବ ଭାବେ ସ୍ଥାପ୍‌ନା କର୍‌ବାର୍ ସହେତେ ମତଦାନ୍‌ର ପରବ୍- ଆମର୍ ଗରବ୍ ବାର୍ତାକେ ସାର୍ଥକ କରୁଛେ ବଲି ମୁଖ୍ୟ ନିର୍ବାଚନ୍ ଅଧିକାରୀ କହିଛନ୍ ।

ଦେଶ୍ ୪ ନମ୍ବର୍ ଖେପ୍ ଭୋଟ୍ ନିର୍ବାଚନ୍ ଆର୍‌ଏନ୍‌ୟୁ /
ସମ୍ବଲପୁର

୨୦୨୪ ଲୋକ୍‌ସଭା ନିର୍ବାଚନ୍‌ର ୪ ନମ୍ବର୍ ଖେପେ ଆଏଜ୍ ୯ଟା ରାଜ୍ୟ ଆଉ ଗୁଟେ କେନ୍ଦ୍ରଶାସିତ୍ ଅଂଚଲ୍‌ର ସବୁ ମିଶିକରି ୯୬ ଟା ଲୋକ୍‌ସଭା ଆସନ୍ ଲାଗି ଭୋଟ୍ ନିଆଯିବା । ଇ ଖେପେ ୧ ହଜାର୍ ୭ ଶହ ୧୭ ଝନ୍ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଥିବାର୍ ବେଲେ

୧୭ କୋଟି ୭୦ ଲାଖ୍ ଭୋଟର୍ ନିଜର୍ ନିଜର୍ ମତଦାନ୍ ଅଧିକାର୍ ସାବ୍ୟସ୍ତ୍ କର୍‌ବେ ।

ଭୋଟ୍-ଟଙ୍କା ଜବତ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଶାନ୍ତିପୂର୍ଣ୍ଣ ଆଉ ନିରପେକ୍ଷ ନିର୍ବାଚନ୍ ଲାଗି କରାଯାଉଥିବାର୍ ଯାଂଚ୍ ବେଲେ ୪ କୋଟି ୧୦ ଲାଖ୍ ନଗଦ୍ ଟଙ୍କା ଜବତ୍ କରାଯାଇଛେ । ବଲି ପୁଲିସ୍ ମହାନିର୍ଦ୍ଦେଶକ୍ ଅରୁଣ୍ ଷଡ଼ଙ୍ଗୀ କହିଛନ୍ । ହେନ୍ତା ୭ ଶହ ୨୫ କୁଇଂଟାଲ୍ ଗଞ୍ଜେଇ, ସାଢ଼େ ୪ କେଜି ବ୍ରାଉନ୍ ସୁଗର୍ ବାଗିର୍ ଆପତିଜନକ୍ ସାମଗ୍ରୀ ଜବତ୍ କରାଯାଇକରି ୧ ହଜାର୍ ୪୮ ନିଶା ମାଫିଆଙ୍କୁ ଗିରଫ୍ କରାଯାଇଛେ । ରାଏଜେ ଇହାଦେତକ୍ ନିର୍ବାଚନ୍ ବାବ୍‌ଦର ୧୯ ଟା ମାମ୍‌ଲା ରୁଜୁ ହେଇଛେ ।

ପ୍ରଧାନ୍‌ମନ୍ତ୍ରୀ- ଓଡ଼ିଶା ଆର୍‌ଏନ୍‌ୟୁ/ ସମ୍ବଲପୁର

ବରିଷ୍ଠ ବିଜେପି ନେତା ଆର୍ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଦଲୀୟ ପ୍ରାର୍ଥୀଙ୍କର୍ ପ୍ରଚାର୍ ଲାଗି ଆଏବା ୨୦ ତାରିଖ୍ ଫେର୍ ଓଡ଼ିଶା ଗସ୍ତ ନ ଆସ୍‌ବେ । ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ସେଦିନ ପୁରୀ ନ ରୋଡ୍ ସୋ କର୍‌ବାର୍ ସହେତେ କଟକ୍ ଆର୍ ଅନୁଗୁଲ୍

ନ ସାଧାରଣ ସଭାକେ ସମ୍ବୋଧନ୍ କର୍‌ବେ ବଲି ବିଜେପି ରାଜ୍ୟ ଉପ ସଭାପତି ଗୋଲକ୍ ମହାପାତ୍ର ସୂଚ୍‌ନା ଦେଇଛନ୍ ।

ମୁଖ୍ୟମନ୍ତ୍ରୀ କେନ୍ଦୁଝର୍ ଗସ୍ତ ଆର୍‌ଏନ୍‌ୟୁ / ସମ୍ବଲପୁର

ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଆଏବା ୧୯ ତାରିଖ୍ ଦିନ ଦଲୀୟ ପ୍ରାର୍ଥୀମାନ୍‌କର୍ ପ୍ରଚାର୍ ଲାଗି କେନ୍ଦୁଝର୍ ଗସ୍ତ୍‌ଥି ଆସ୍‌ବେ ବଲି ଜନାପଡ଼ିଛେ । ସେ ଗୋପୀନାଥପୁର୍‌ର ସିଲିସୁଆଁ ଫୁଟ୍‌ବଲ୍ ପଡ଼ିଆଠାନେ ଗୁଟେ ସମାବେଶ୍‌ଥି ଉଦ୍‌ବୋଧନ୍ ଦେବେ । ତାର୍ ଉତ୍‌ରୁ ଆନନ୍ଦପୁର୍‌ର ହାଟଡିହି ବ୍ଲକ୍‌ଥି ଗୁଟେ ଜନସଭାଥି ଉଦ୍‌ବୋଧନ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଥିବାର୍ ଜନାପଡ଼ିଛେ ।

ସିୟୁଇଟି- ୟୁଜି ଏଡ୍‌ମିଟ୍ କାର୍ଡ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏବା ବୁଧବାର୍‌ନୁ ୨୪ ତାରିଖ୍‌ତକ୍ ସ୍ନାତକ ପାଠ୍ୟକ୍ରମ୍ ଲାଗି ଏକକ ବିଶ୍ୱବିଦ୍ୟାଲୟ ପ୍ରବେଶିକା ପରୀକ୍ଷା ସିୟୁଇଟି ହେବା । ଇଥି୍‌ର୍‌ଲାଗି ଗଲାକାଏଲ୍‌ନୁ ୱେବ୍‌ସାଇଟ୍ ଜରିଏ ଏଡ୍‌ମିଟ୍‌କାର୍ଡ୍ ମିଲିପାରୁଛେ । ଇ ବାବ୍‌ଦେ ନେସ୍‌ନାଲ୍ ଟେଷ୍ଟିଂ ଏଜେନ୍ସି-ଏନ୍‌ଟିଏ ସୂଚ୍‌ନା ଦେବାର୍ ସହେତେ ସମ୍ପୂର୍ଣ୍ଣ ପରୀକ୍ଷା ସୂଚୀ ପ୍ରକାଶ୍ କରିଛେ । ଏନ୍‌ଟିଏର ୱେବ୍‌ସାଇଟ୍ www.nta.ac.in ଥି ଏଡ୍‌ମିଟ୍‌କାର୍ଡ୍ ଡାଉନ୍‌ଲୋଡ୍ କର୍‌ବାର୍ ସୁବିଧା ରହିଛେ ।

ବୌଦ୍ଧ- ପୋଷ୍ଟଲ୍ ବେଲଟ ଭୋଟ୍        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ଆଏବା ୨୦ ତାରିଖ୍ ଦିନ ଭୋଟ୍ ହେବାର୍‌କେ ଯାଉଥିବାର୍ ବେଲେ ଗଲାକାଏଲ୍‌ଠାନୁ ନିର୍ବାଚନ୍ କାମ୍‌ଥି ନିୟୋଜିତ କର୍ମଚାରୀମାନ୍‌କର୍ ପୋଷ୍ଟାଲ୍ ବେଲଟ୍‌ଥି ଭୋଟ୍ ଦେବାର୍ ପ୍ରକ୍ରିୟା ମୁଲ୍ ହେଇଛେ । ଏବ୍‌ତକ୍ ୨ ଶହ ୭୬ ଝନ୍ କର୍ମଚାରୀ ଭୋଟ୍ ଦେଇ ସାରିଥିବା ବେଲେ ଆଏବା ୧୭ ତାରିଖ୍‌ତକ୍ ଇ ପ୍ରକ୍ରିୟା ଚାଲ୍‌ବା ବଲି ଜିଲ୍ଲାର୍ ନିର୍ବାଚନ୍ କାର୍ଯ୍ୟାଲୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ବୌଦ୍ଧ ଆଇଟିଆଇ- ଏମ୍‌ଓୟୁ        ଆର୍‌ଏନ୍‌ୟୁ /  ସମ୍ବଲପୁର

ବୌଦ୍ଧ ଠାନେ ଥିବା ସର୍‌କାରୀ ଶିଳ୍ପ ତାଲିମ୍ କେନ୍ଦ୍ର- ଆଇଟିଆଇ ଆଉ ଟାଟା ପାୱାର୍ ବିଦ୍ୟୁତ୍ ବିତରଣ୍ କମ୍ପାନୀ ଭିତ୍‌ରେ ଗୁଟେ ବୁଝାମଣା ପତ୍ର ସ୍ୱାକ୍ଷର୍ ହେଇଛେ । ଆଇଟିଆଇର ଛାତ୍ରଛାତ୍ରୀମାନ୍‌କର୍ ଶୈକ୍ଷିକ ଆଉ ଶିଳ୍ପ ବାବ୍‌ଦର୍ ବ୍ୟବହାରିକ୍ ଜ୍ଞାନ୍ ଭିତ୍‌ରେ ସମନ୍ୱୟ ରକ୍ଷା ଆଉ ସେମାନ୍‌କର୍ ଦକ୍ଷତା ବୃଦ୍ଧି ଲାଗି ଇ ବୁଝାମଣା ପତ୍ର ସ୍ୱାକ୍ଷର୍ ହେଇଛେ । ଛାତ୍ରଛାତ୍ରୀମାନେ ଅତ୍ୟାଧୁନିକ୍ ତାଲିମ୍ ସୁବିଧା ଆଉ କାର୍ଯ୍ୟକ୍ଷେତ୍ରର୍ ଅନୁଭୂତି ହାସଲ୍ କରିପାର୍‌ବେ ।

ଜଙ୍ଗଲ୍ ବୃଦ୍ଧି          ଆର୍‌ଏନ୍‌ୟୁ /  ସମ୍ବଲପୁର

ଦେଶେ ଗଲା ୧୫ ବରସ୍‌ଥି ଜଙ୍ଗଲ୍ ଇଲାକ ବଢୁଛେ ବଲି ପରିବେଶ୍, ଜଙ୍ଗଲ୍ ଆଉ ଜଲ୍‌ବାୟୁ ପରିବର୍ତନ୍ ମନ୍ତ୍ରଣାଲୟ ତର୍‌ଫୁ କୁହାଯାଇଛେ । ମିଳିତ ଜାତିସଂଘ ଜଙ୍ଗଲ୍ ଫୋରମ୍ ତର୍‌ଫୁ ନ୍ୟୁୟର୍କ ଠାନେ ହେଇଥିବା ଗୁଟେ କାର୍ଯ୍ୟକ୍ରମ୍‌ଥି ମନ୍ତ୍ରଣାଲୟ ତର୍‌ଫୁ ଜଙ୍ଗଲ୍ ସୁରକ୍ଷା ଆଉ ନିରନ୍ତର୍ ପରିଚାଳନା ଲାଗି ଦେଶେ ବନାଂଚଲ୍ ସମ୍ପ୍ରସାରିତ୍ ହେଉଛେ ବଲି କୁହାଯାଇଛେ ।

ପାଣିପାଗ      ଆର୍‌ଏନ୍‌ୟୁ /  ସମ୍ବଲପୁର

ରାଏଜର୍ ଭିନ୍ ଭିନ୍ ଜାଗା ନ ଗଲାକାଏଲ୍‌ନୁ କାଲ୍‌ବୈଶାଖୀ ବର୍ଷା ଲାଗି ତାତି କମିଛେ । ଗଲାରାତି ସମ୍ବଲ୍‌ପୁର୍ ଜିଲ୍ଲାର୍ ଅଲ୍‌ଗା ଅଲ୍‌ଗା ଇଲାକା ନ ଜବର୍ ଧୁକାଧନ୍ଦି ସହେତେ ଭଲ୍ ଅଛ୍‌ରେ ବର୍ଷା ହେଇଥିଲା । ଆଏବା ୧୭ ତାରିଖ୍‌ତକ୍ ରାଏଜେ କମ୍ ତାତି ରହେବା । ତାର୍ ଉତ୍‌ରୁ ପାଗ୍ ଫେର୍ ବଦ୍‌ଲିବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।